ତ୍ରାହୁଣ ଯୁବତୀ

ମୂଳ ଲେଖକ

ଡକଟର ଆଲ୍ଲାମା ଅବୁଲହୁଲ କାନ୍ତା

(ରହମାତୁଲ୍ଲାହ୍ ଅଲୈହ୍)

ଅନୁବାଦକ

ମାହିରେ ହଫତ୍ ଲିସାନ୍ ମୌଲାନା ଶେଖ୍ ନସିମୁଦ୍ଦିନ୍ ହବିବି

(ଏମ୍.ଏ, ଫାଜିଲ)

ବ୍ରାହ୍ମଣ ଯୁବତୀ

ମୂଳ ଲେଖକ

ହଜରତ୍ ଆଲ୍ଲାମା ଆରଶଦୁଲ କାଦ୍ରୀ

(ରହମାତୁଲ୍ଲାହ୍ ଅଲୈହ୍)

ଅନୁବାଦକ

ମାହିରେ ହଫତ୍ ଲିସାନ୍ ମୌଲାନା ଶେଖ୍ ନସିମୁଦ୍ଦିନ୍ ହବିବି(ଏମ୍.ଏ ଫାଜିଲ)

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ

(ଗୁଜିଦରଡ଼ା, ହାଇସ୍କୁଲ, ଜିଲ୍ଲା ଭଦ୍ରକ)

ଖିଦ୍‌ମତେ ଇମାମତ୍

କାଗଜି ଶାହୀ ମସ୍‌ଜିଦ୍, ସୁଏଲ ପୁର, ବାଲେଶ୍ୱର।

ଲେଖକ ଓ ଅନୁବାଦକଙ୍କ ପରିଚୟ

କାହାଣୀର ମୂଳ ଲେଖକ ହଜରତ୍ ଆଲ୍ଲାମା ଆରଶଦୁଲ କାଦ୍ରୀ ସୁନ୍ନି ମୁସଲିମ୍ ସମ୍ପ୍ରଦାୟର ଜଣେ ବିଖ୍ୟାତ୍ ଧର୍ମଗୁରୁ। ସେ ଅନେକ ଇସଲାମୀ ପୁସ୍ତକ ଓ ପୁସ୍ତିକା ରଚନା କରି ଯାଇଛନ୍ତି। ତା' ମଧ୍ୟରୁ "ଜଲ୍‌ଜଲା" ଓ "ଜେର୍ ଜବର" ତାଙ୍କର ସୁବିଖ୍ୟାତ୍ ପୁସ୍ତକ। ସେ ୟୁରୋପ ଓ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ଗୁଡ଼ିକରେ ଯାତ୍ରା କରି ଇସଲାମ୍ ଧର୍ମ ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରି ଯାଇଛନ୍ତି। ଏହି କାହାଣୀ "ବ୍ରାହ୍ମଣ ଯୁବତୀ" ରେ ମୋଗଲ ସମ୍ରାଟ ଆଉରଂଗଜେବ୍ ଏକ ନିର୍ଯ୍ୟାତୀତା ବ୍ରାହ୍ମଣ ଯୁବତୀକୁ କିପରି ଉଦ୍ଧାର କରି ତାକୁ ନ୍ୟାୟ ପ୍ରଦାନ କରିଥିଲେ ଏବଂ ଅତ୍ୟାଚାରୀ କୁ କିପରି ଦଣ୍ଡ ବିଧାନ କରିଥିଲେ ତାହା ସନ୍ନିବେଶିତ କରିଛନ୍ତି। ଏବେ ସେହି ଧରେରାର ମସ୍‌ଜିଦ୍ ରକ୍ଷଣା ବେକ୍ଷଣା ଦାୟୀତ୍ୱରେ ଥିବା ବ୍ରାହ୍ମଣ ପରିବାର ପାଖରେ, ଏକ ତମ୍ବାପତ୍ରରେ ଆଉରଂଗଜେବଙ୍କ ଦ୍ୱାରା ପାର୍ସି ଭାଷାରେ ହସ୍ତଲେଖା ଏହି ଘଟଣାର ମୁକ ସାକ୍ଷୀରୁପେ ଅବସ୍ଥିତ।

ଅନୁବାଦକ ହଜରତ୍ ମୌଲାନା ନସିମୁଦ୍ଦିନ ହବିବି, ଅବସର ପ୍ରାପ୍ତ ଭାରପ୍ରାପ୍ତ ପ୍ରଦାନ ଶିକ୍ଷକ, ଗୁଜିଦରଡ଼ା ହାଇସ୍କୁଲର ଜଣେ ପ୍ରବୀଣ ବିଙ୍କ ଭାଷାବିତ୍। ସେ ସାତୋଗୋଟି ଭାଷାରେ ପାରଙ୍ଗମ। ଅବସର ପରେ ବର୍ତ୍ତମାନ ସେ ବାଲେଶ୍ୱର ସହରସ୍ଥ କାଗଜି ସାହି, ସୁଏଲପୁର ମସ୍‌ଜିଦ୍ ରେ ଇମାମତ୍‌ର ଦାୟୀତ୍ୱ ତୁଲାଉଛନ୍ତି। ସେ ଦୁଇ ଥର ଫାଜିଲ ହେବା ସହ ୧୯୮୫ରେ ୟୁ.ୟୁ.ରୁ ସ୍ନାତକୋତ୍ତର କରିଛନ୍ତି। ଆଲା ହଜ୍‌ରତ୍‌ଙ୍କ କନ୍‌ଜୁଲ ଇମାନର ଓଡ଼ିଆ ଅନୁବାଦ କରିଛନ୍ତି। ଯଦି ସର୍ବଶକ୍ତିମାନର ଦୟାରହେ ତାହାକୁ ମଧ୍ୟ ଆଗାମୀ ଦିନରେ ଛପାଯିବାର ବ୍ୟବସ୍ଥା କରାଯିବ।

ଅନୁବାଦ କରିବାର ଉଦ୍ଦେଶ୍ୟ

ଇଂରେଜ ମାନେ ଆମଦେଶରେ ୧୭୫୭ରୁ ୧୯୪୭ ମସିହା ପର୍ଯ୍ୟନ୍ତ ଶାସନ ଜଲେ। ତାଙ୍କ ଶାସନର ମୂଳମନ୍ତ୍ର ଥିଲା। (Divide and Rule) ଅର୍ଥାତ୍ ବିଭେଦ ସୃଷ୍ଟି କର ଓ ଶାସନ କର। ଲଥିପାଇଁ ସେମାନେ ଯେଉଁ ମୁସଲମାନ ସମ୍ରାଟ କିମ୍ବା ହିନ୍ଦୁ ରାଜାଙ୍କୁ ପାଇଛନ୍ତିଏହି ଆରୋପ ଲଗାଇବାରେ ପଛାଇ ନାହାନ୍ତି। ଉକ୍ତ କାରଣରୁ ସେମାନେ ମୋଗଲ ସମ୍ରାଟ ଆଉରଂଗଜେବଙ୍କ ଉପରେ ଉପରୋକ୍ତ ଆରୋପ ଲଗାଇବାରେ ପଶ୍ଚାତ୍‌ପଦ ହୋଇ ନାହାନ୍ତି। କିନ୍ତୁ ସମ୍ରାଟ ଆଉରଙ୍ଗଜେବଙ୍କ ଉପରେ ଏପରି ବହି ଗୁଡ଼ିକ ଲେଖା ଯାଇଅଛି। ଯାହା ଇଂରେଜ ମାନଙ୍କ ମୁଖା ଖୋଲିଦେଇଛି। ଏବଂ ସମ୍ରାଟ ଆଉରଂଗଜେବଙ୍କ ଚରିତ୍ର ନିଶକଳଂକବୋଲି ପ୍ରତି ପାଦିତ ହୋଇ ସାରିଛି। ବ୍ରାହ୍ମଣ ଯୁବତୀ ଏହି ପ୍ରକାରର ଏକ ପୁସ୍ତିକା ଯେଉଁଥିରେ ଦର୍ଶା ଯାଇଛି ଯେ ତାଙ୍କର ଜଣେ ଚରିତ୍ର ହୀନ ମୁସଲିମ୍ ଅଫିସର (ସୁବେଦାର) କିପରି ଅତ୍ୟାଚାର ଓ ନିର୍ଯ୍ୟାତନା ଦେଉଥିଲା। ଶକୁନ୍ତଳା ନାମ୍ନି ଜଣେ ବ୍ରାହ୍ମଣ ଯୁବତୀ ଏହାର ଶିକାର ହେବା ପୂର୍ବରୁ ସମ୍ରାଟ ଆଉରଂଗଜେବ ବନାରସ(ବାରାଣସି)ରେ ପହଞ୍ଚି ଉକ୍ତ ଅଫିସରକୁ ଅପରାଧ ଲିପ୍ତ(Red Handed) ଅବସ୍ଥାରେ ଧରିଥିଲେ ଓ ତା'ର କୋଠର ଶାସ୍ତିର(ମୃତ୍ୟୁ ଦଣ୍ଡ) ବ୍ୟବସ୍ଥା କରିଥିଲେ।

ଆସନ୍ତୁ ଉକ୍ତ ଘଟଣାକୁ ସମ୍ପୁର୍ଣ୍ଣ ରୂପେ ପଢ଼ି ଏହାର ସମିକ୍ଷା କରିବା। ଏବଂ ବିନା କାରଣରେ ମୋଗଲ ସମ୍ରାଟ ଆଉରଂଗଜେବଙ୍କୁ ଉକ୍ତ ଆରୋପରୁ ମୁକ୍ତ କରିବା। ମୋର ଅନୁବାଦ କରିବାର ମୂଳ ଉଦ୍ଦେଶ୍ୟ ଏହି ଯେ ଅକାରଣେ ହିନ୍ଦୁ ମୁସଲିମ୍ ବିଦ୍ୱେଶ୍ୟରୁ ଦୂରେଇ ରହିବା।

ମାହିରେ ହଫତ୍ ଲିସାନ୍ ମୌଲାନା ଶେଖ୍ ନସିମୁଦ୍ଦିନ୍ ହବିବି(ଏମ୍.ଏ ଫାଜିଲ)

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ

(ଗୁଜିଦରଡ଼ା, ହାଇ ସ୍କୁଲ, ଜି, ଭଦ୍ରକ)

ଖୁଦ୍‌ମତେ ଇମାମତ୍

କାଗଜି ଶାହୀ ମସ୍‌ଜିଦ୍, ସୁଏଲ ପୁର, ବାଲେଶ୍ୱର।

ଇତିହାସ ସମାଜ ଓ ସଭ୍ୟତାର ଦର୍ପଣ ସଦୃଶ। ଇତିହାସରେ ମିଥ୍ୟା, ପୂର୍ବାଗ୍ରହ, ଦ୍ୱେଷପୂର୍ଣ୍ଣ ସମାଲୋଚନା ପାଇଁ କୌଣସି ସ୍ଥାନ ନାହିଁ, କିନ୍ତୁ ଦେଖାଯାଉଛି ଯେ ଐତିହାସିକମାନେ ମଧ୍ୟ ନିଜକୁ ସାମ୍ପ୍ରଦାୟିକ ପକ୍ଷପାତରୁ ଉର୍ଦ୍ଧ୍ୱରେ ରହି କେବଳ ଇତିହାସ ରଚନା କରିବାରେ ବିଫଳ ହୋଇଛନ୍ତି। ଭାରତ ଇତିହାସର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ମୋଗଲ ଶାସନ ଉପରେ ନଜର ପକାଇଲେ ଦେଖାଯାଏ ଯେ ଭାରତରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠାତା ବାବର ଥିଲେ। ଥରେ ଜଣେ ବାବରଙ୍କୁ ଆକ୍ରମଣକାରୀ କହିବାରୁ ତାଙ୍କୁ ଅନ୍ୟଜଣେ ବିଦ୍ୱାନ ଉତ୍ତର ଦେଇଥିଲେ ଯେ "ସେ ଯୁଗରେ ସତ୍ତା ପରିବର୍ତ୍ତନର ଏକ ମାତ୍ର ଉପାୟ ଯୁଦ୍ଧ ଥିଲା, ଗଣତନ୍ତ୍ର ପଦ୍ଧତିର ଆବିଷ୍କାର ହୋଇ ନଥିଲା, ଯୁଦ୍ଧରେ ଯିଏ ବିଜୟୀ ହେଉଥିଲେ ତାଙ୍କୁ ଶାସକ କୁହା ଯାଉଥିଲା, ଆକ୍ରମଣକାରୀ ନୁହେଁ। ଆକ୍ରମଣକାରୀ ବା ଲୁଣ୍ଠନକାରୀ ତାକୁ କହିବା ଉଚିତ ଯିଏ କି ଆକ୍ରମଣ କରି ଧନ ସମ୍ପତ୍ତି ଲୁଟି ପୁଣି ନିଜ ଦେଶକୁ ପଳାଇ ଯାଉଥିଲେ, ଉଦାହରଣ ସରୂପ ତୈମୁରଲଙ୍ଗ, ମେହମୁଦ ଗଜନୀ ବା ଇଂରେଜମାନଙ୍କୁ ମଧ୍ୟ ଆକ୍ରମଣକାରୀ କୁହା ଯାଇପାରେ, କାରଣ ଏମାନେ ଭାରତରେ ବସବାସ କରିବା ଇଚ୍ଛାରେ ଆକ୍ରମଣ କରିନଥିଲେ ଓ ଭାରତର ଧନ ସମ୍ପତ୍ତି ଲୁଟି ନିଜ ଦେଶକୁ ନେଇ ଯାଇ ଥିଲେ କିନ୍ତୁ ମୋଗଲମାନେ ସପରିବାରେ ଭାରତରେ ବସବାସ କରିଥିଲେ ଓ ଭାରତର ଧନ ସମ୍ପତ୍ତି ଭାରତର ଉନ୍ନତିରେ ହିଁ ବିନିଯୋଗ କରିଥିଲେ। ବାବରଙ୍କ ଅତ୍ୟାଚାର ବା ଅନ୍ୟାୟ ବିଷୟରେ ଇତିହାସରେ ବିଶେଷ କିଛି ଉଲ୍ଲେଖ ନାହିଁ। ହୁମାୟୁଁ ଜଣେ ହିନ୍ଦୁ ରାଣୀଙ୍କ ଠାରୁ ରାଖି ପାଇ ତାଙ୍କ ସାହାଯ୍ୟ ପାଇଁ ଧାଇଁ ଯିବା ଇତିହାସରେ ଏକ ବିରଳ ଘଟଣା। ଆକବରଙ୍କୁ ଇତିହାସ ଏକ ବିଚକ୍ଷଣ ରାଜନୈତିଜ୍ଞ ସହ ଧର୍ମନିରପେକ୍ଷତାର ପ୍ରତିକ ରୂପେ ଚିତ୍ରଣ କରିଛି। ଜାହାଙ୍ଗୀରଙ୍କ ଆଇନ ବ୍ୟବସ୍ଥା ଓ ନ୍ୟାୟ ପ୍ରଣାଳୀର ଇତିହାସ ସାକ୍ଷୀ। ଶହଜାହାନ୍‌ଙ୍କୁ ତାଙ୍କର ନିର୍ମ୍ମାଣ କାର୍ଯ୍ୟ ପାଇଁ କେବଳ ଇତିହାସ ନୁହେଁ ବର୍ତ୍ତମାନ ପିଢ଼ୀ ମଧ୍ୟ ଗର୍ବ କରନ୍ତି। ଘୁରି ବୁଲି ଆଉରଙ୍ଗଜେବଙ୍କୁ ଇତିହାସ ଅତ୍ୟାଚାରୀ ଓ ଅନ୍ୟାୟୀ ସମ୍ରାଟରୂପେ ଚିତ୍ରଣ କରିଛି କିନ୍ତୁ ସମ୍ରାଟଙ୍କ କୌଣସି ଅତ୍ୟାଚାରକୁ ସାବ୍ୟସ୍ତ କରିବାରେ ବା ଉଦାହରଣ ଦେବାରେ ବିଫଳ ହୋଇଛି। ମୁଁ କୋଲକାତାରେ ଜର୍ନାଲିଜିମ୍‌ର କୋର୍ସ କରୁଥିବା ସମୟରେ ଜଣେ ଅଧ୍ୟାପକ ଇତିହାସ ପଢ଼ାଉ ଥିବା ବେଳେ କହି ଗଲେ ଯେ 'ମୋଗଲମାନେ ୩୦୦ବର୍ଷ କାଳ ଭାରତରେ ଶାସନ କରିଛନ୍ତି, ଏବଂ ଏତେ ଲମ୍ବା ସମୟ ଭିତରେ ଅନେକ ଅନ୍ୟାୟ ଓ ଅତ୍ୟାଚାର ମଧ୍ୟ କରି ଯାଇଛନ୍ତି'। ମୁଁ ନିଜ ଜ୍ଞାନ ବୃଦ୍ଧି ଉତ୍ସୁକତାରେ ପଚାରିଦେଲି ଯେ 'ସାର ମୋଗଲ ଶାସନ ସମୟରେ "ଜାଲିଆନାଓ୍ୱାଲାବାଗ୍" ଭଳି କୌଣସି ଘଟଣାର ଉଦାହରଣ ଅଛି କି ?' ଅଧ୍ୟାପକ ଜଣକ କିଛି ସମୟ ସ୍ତବ୍ଧରହି କହିଲେ 'ନା ମୋ ଜାଣିବାରେ ସେଭଳି କିଛି ଉଦାହରଣ ନାହିଁ'। ଅଥଚ ସେ ଟୋପି ସିଲେଇ କରି ଓ ବହି ଲେଖି ନିଜର ଗୁଜୁରାଣ ମେଣ୍ଟାଉ ଥିବାର ଓ ରାଜକୋଷରୁ କିଛି ଅର୍ଥ ନିଜ ବ୍ୟବହାରରେ ଲଗାଉ ନଥିବାର ଉଲ୍ଲେଖ ଇତିହାସରେ ଅଛି ଯାହା ଆଧୁନିକ ଗଣତନ୍ତ୍ର ପଦ୍ଧତିରେ ନିର୍ବାଚିତ ଶାସକଙ୍କ ଠାରେ ମଧ୍ୟ ବିରଳ।

ସଦ୍ୟ ରଚିତ କାହାଣୀ "ବ୍ରାହ୍ମଣ ଯୁବତୀ" ର ମୂଳ ଲେଖକ ଓ ଅନୁବାଦକଙ୍କ ପ୍ରଚେଷ୍ଟା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ମୁଁ ଆଶା କରେ ବିଶେଷ କରି ଅନୁବାଦକ ମୌଲାନା ଶେଖ୍ ନସିମୁଦ୍ଦିନ୍ ହବିବି(ଏମ୍.ଏ ଫାଜିଲ) ନିଜର ପ୍ରଚେଷ୍ଟା ଜାରି ରଖିବେ ଓ ଆଗକୁ ଆହୁରି ଅନେକ ଐତିହାସିକ ତଥ୍ୟ ଲୋକ ଲୋଚନକୁ ଆଣିବେ।

ମହମ୍ମଦ ଏନାୟତ ଅଲ୍ଲୀ ଖାଁ, ସମ୍ପାଦକ-ଅପନା ତର୍ଜୁମାନ, ବାଲେଶ୍ୱର। ମୋ-୯୪୩୮୩୮୦୭୯୭

ବ୍ରାହ୍ମଣ ଯୁବତୀ

ପଣ୍ଡିତ ଲାଲାରାମ କାଶୀର ପଣ୍ଡିତମାନଙ୍କ ମଧ୍ୟରେ ଅନ୍ୟତମ। ଭାରତର କୋଣକୋଣରୁ ଶତାଧିକ ଯାତ୍ରୀ ସଦାବେଳେ ତାଙ୍କର ଆତିଥ୍ୟ ଗ୍ରହଣ କରୁଥିଲେ। ସମ୍ପତ୍ତିବାଡ଼ି ବି ବହୁତ ଥିଲା। ଜାତି ଭାଇମାନଙ୍କର ବିଶ୍ୱାସର ପାତ୍ର ଥିଲେ। ସେ ସମୟରେ ବାରଣାସୀର ପ୍ରତ୍ୟେକ ବ୍ୟକ୍ତି ଜଣାଅଧିକେ ତାଙ୍କୁ ଜାଣୁଥିଲେ। ତାଙ୍କର ଖ୍ୟାତିର ଅନ୍ୟତମ କାରଣ ଥିଲା ଯେ ବାର୍ଦ୍ଧକ୍ୟ ବସ୍ଥାରେ ବହୁତ ଆଶା ଭରସା ପରେ ଏକ କନ୍ୟା ଜନ୍ମ ହୋଇଥିଲା। କନ୍ୟା କ'ଣ ଥିଲା ସମ୍ପୂର୍ଣ୍ଣ ଦିବ୍ୟସୁନ୍ଦରୀ, ଗୋଟିଏ ଚାଉଳରେ ଗଢ଼ା, ସୌନ୍ଦର୍ଯ୍ୟର ପ୍ରତୀକ ଥିଲା। ମା'ର ମମତା ବାପାଙ୍କର ସ୍ନେହ କେଉଁଠି ନଥାଏ। କିନ୍ତୁ ଏହି ଘର ରହଣୀ ଏକ ଭିନ୍ନ ପ୍ରକାରର। ପ୍ରାତଃ ଉଠି ନିଜ ଝିଅର ଶ୍ରୀମୁଖ ନଦେଖିଲେ କୌଣସି ଜିନିଷକୁ ଦେଖିବା ପାପ ମଣୁଥିଲେ ସେମାନେ। ଝିଅଟିକୁ ଯେତେବେଳେ ପଢ଼ିବାର ବୟସ ହେଲା, ତା' ପାଇଁ କେତେଜଣ ଶିକ୍ଷକ ନିଯୁକ୍ତି କରାଗଲା। ନିଜର ସୌନ୍ଦର୍ଯ୍ୟର ଆକର୍ଷଣ ସହ ସେ ଜଣେ ମେଧାବି ଛାତ୍ରୀ ଥିଲା। ୧୪ବର୍ଷ ବୟସ ହେବା ବେଳକୁ ସେ ଶିକ୍ଷା ଦିକ୍ଷାରେ ପାରଙ୍ଗମ ହୋଇ ପାରିଥିଲା।

ସୌନ୍ଦର୍ଯ୍ୟର ଖ୍ୟାତି ସହ ତା'ର ଶିକ୍ଷା, ଗୁଣର ଖ୍ୟାତି ମଧ୍ୟ ଚତୁର୍ଦିଗରେ ବ୍ୟାପି ଯାଇଥିଲା। ପ୍ରାତଃରୁ ଯେତେବେଳେ ସେ ଗଙ୍ଗା ସ୍ନାନ କରିବାକୁ ଯାଉଥିଲା ଶତାଧିକ ଲୋକେ ତାକୁ ଦେଖିବା ପାଇଁ ଭିଡ଼ ଜମାଉଥିଲେ। ଲଜ୍ଜ୍ୟାର ସେ ମୂର୍ତ୍ତିମନ୍ତ ପ୍ରତୀକ ଥିଲା। ଯିବା ଆସିବା କୌଣସି ସମୟରେ କାହାରି ଉପରେ ନଜର ପକାଉ ନଥିଲା। ବର୍ଷରେ ଥରେ ସେ ହନୁମାନ ମନ୍ଦିର କୁ ପୂଜା କରିବା ପାଇଁ ଯାଉଥିଲା। ସେତେବେଳେ ମନ୍ଦିରର ପରିବେଶ ଜଣା ଅଜଣା ପ୍ରେମିକ ଓ ଅନ୍ୟମାନଙ୍କ ଭିଡ଼ରେ ମୁଖରିତ ହୋଇ ଉଠୁଥିଲା।

ମଥୁରା, ଅଯୋଧ୍ୟା ଆଦି ବଡ଼ ବଡ଼ ସହରଗୁଡ଼ିକରୁ ତା'ର ବହୁତ ଗୁଡ଼ିଏ ପ୍ରସ୍ତାବ ଆସିଥିଲା। କିନ୍ତୁ ମା' ଚାହୁଁନଥିଲେ ଯେ ତାଙ୍କର ଅଲିଅଳି ଦିବ୍ୟସୁନ୍ଦରୀ ଝିଅ ତାଙ୍କ ଦୃଶ୍ୟପଟରୁ ମୂହୁର୍ତ୍ତକ ପାଇଁ ବି ଦୂରେଇଯାଉ। ସେ ଏପରି ବର ଖୋଜୁଥିଲେ ଯେ ପ୍ରତ୍ୟେକ ଗୁଣର ଅଧିକାରୀ ହେବା ସହ ଗୃହଜାମାତା ହେବାପାଇଁ ପ୍ରସ୍ତୁତ ଥିବ,

ସେଥିପାଇଁ ସମସ୍ତ ପ୍ରସ୍ତାବ ଗୁଡ଼ିକ ନାମଞ୍ଜୁର କରାଯାଉଥିଲା । ବାପା ମା' ସ୍ନେହରେ ତାକୁ "ଶକୁନ୍ତଳା" ବୋଲି ଡାକୁ ଥିଲେ । ଏବେ ଶକୁନ୍ତଳା ନା'ର ଖ୍ୟାତି ପରିସ୍ଥାନ ଓ ପରିବେଶକୁ ମୁଖରିତ କରି ପକାଉଥିଲା ।

ଠିକ୍ ସେତିକିବେଳେ ମୋଗଲ ସମ୍ରାଟ ଅଉରଙ୍ଗଜେବ୍‌ଙ୍କ ଶାସନ ତରଫରୁ ଇବ୍ରାହିମ ଖାଁ ନାମକ ଜଣେ ଲୋକ ସୁବେଦାର ନିଯୁକ୍ତି ପାଇଥିଲା । ତା'ର ଆସିବାର କେତେ ଦିନ ଭିତରେ ସାରା ବରାଣସୀରେ ଭୟ ଓ ଆତଙ୍କ ଖେଳି ଯାଇଥିଲା । କଥିତ ଅଛି ସେ ଜଣେ ଅତ୍ୟାଚାରୀ ଓ ବିଳାସ ପ୍ରିୟ ବ୍ୟକ୍ତି ଥିଲା । ଏପରି ଭାବେ ରହୁଥିଲା ଯେ ତା ବିରୁଦ୍ଧରେ କେହି ସ୍ୱର ଉତ୍ତୋଳନ କରିବାର ସାହସ କରୁନଥିଲେ । ତା'ର ଲାଳସା ପାପ ଦୃଷ୍ଟିରୁ କୌଣସି ସୁନ୍ଦରୀ କନ୍ୟାର ବର୍ତ୍ତି ଯିବା ସହଜ ନଥିଲା । ତା'ର ଗୁପ୍ତଚରମାନେ ଗଳିକନ୍ଦିରେ ଘରେ ଘରେ ପର୍ଦ୍ଦା ଅନ୍ତୁଆଳରେ ଏପରି ବାସନାର ଅନ୍ୱେଷଣରେ ରହୁଥିଲେ । ଦିନେ ଗୁପ୍ତଚରମାନେ ବିଜୟ ମଣ୍ଡିତ ସ୍ୱରରେ ସୁବେଦାରଙ୍କୁ ଶୁଣାଇଲେ "ହଜୁର ! ବୃଥାରେ ଆପଣ ହଇରାଣ ହେଲେ, ଏହି ସମୟ ର ସର୍ବୋତ୍ତମ "ହୀରା" ଏହି ବାରଣାସୀ ରେ ଅଛି । କଥିତ ଅଛି ଯେ ପଣ୍ଡିତ ଲାଲାରାମଙ୍କର ଝିଅ "ଶକୁନ୍ତଳା" ଏପରି ପଙ୍କଜା ଯେ ସମୁଦାୟ ହ୍ରଦରେ କେବଳ ଗୋଟିଏ ମାତ୍ର ଫୁଟେ । ସହରର ଅଧିକାଂଶ ଲୋକେ ତା'ର ରୂପଗୁଣର ପ୍ରଶଂସକ । ତା'ର ପ୍ରତ୍ୟେକ ଅଂଗରେ ରୂପର ଝଲକ୍ ଅଛି । ଏପରି ଲାବଣ୍ୟମୟୀ ଝିଅ କେଉଁଠି ଦେଖିନଥିବ । ତା'ର ପ୍ରତ୍ୟେକ ଚାହାଣୀ, ଉଠିବା ବସିବା ଭଂଗୀରେ ଯାଦୁ ଭରି ରହିଛି । ଯାହା ହେଉ ଏପରି ଦିବ୍ୟ ସୁନ୍ଦରୀ ଝିଅ ଯାହାର ରୂପଗୁଣର ଯେତେ ପ୍ରଶଂସା କରାଯାଉ କମ୍ ।ଏହାଶୁଣି ସୁବେଦାର ମନରେ ଲାଳସାର ପିପାସା ଉଠିଲା । ବାସନା ର ସଇତାନ ତା'ର ଆଖି ଆଗରେ ନାଚିବାକୁ ଲାଗିଲା । ତା'ର ପାପର ପିପାସା ଜାଗ୍ରତ ହେଲା । ଏକ ମଦମସ୍ତ ମଦୁଆଙ୍କ ଭଳି ସେ କହିଲା "ତାର ଘରର ସଠିକ୍ ଠିକଣା ମୋର ଦରକାର ଏବଂ ଏହା ମଧ୍ୟ ଦରକାର ଯେ ସେ କେବେ ଘରୁ ବାହାରୁଛି ।

ପରଦିନ ଗୁପ୍ତଚରମାନେ ସଂପୂର୍ଣ୍ଣ ବିବରଣୀ ଜଣାଇଲେ । କାଶୀର ମହଲ୍ଲାରେ ସଂଗୀତର ଭରା ଘର । ପ୍ରାତଃ ସେ ଗଙ୍ଗାସ୍ନାନ କରିବା ପାଇଁ ଘରୁ ବାହାରେ । ଦିନ ରାତିରେ ଗୋଟିଏ ଥରରେ ସେ ଘରୁ ବାହାରେ ।

ଆଜକୁ କେତେଦିନ ହେଲା ପଣ୍ଡିତ ଲାଲାରାମର ମୁହଁ ଶୁଖି ଯାଇଛି । ଆଖିରୁ ନିଦ ହଜିଯାଇଛି । ଖାଇବା ପିଇବା ଛାଡ଼ି ଦେଇଛନ୍ତି । ମା ଝିଅ ମଧ୍ୟ ତାଙ୍କର ଏ ଭଳି ଦଶା ଦେଖି ଚିନ୍ତାଗ୍ରସ୍ତ ହେଲେ । ଠିକ୍ କାରଣ କାହାକୁ କହୁନଥିଲେ । ବେଶୀ ପଚାରିଲେ କହୁଥିଲେ "ଦେହ ଠିକ୍ ନାହିଁ" । ରୋଗ ବି ଜଣା ପଡୁନଥିଲା ଯେ ବାହାନା ଲୁଚିଯିବ । ସବାଶେଷରେ ମା' ଝିଅ ଦୁଇଜଣ ଜିଦ୍ କରି ପଚାରିଲେ "କାହିଁକି ଆପଣ ଚିନ୍ତାମଗ୍ନ ? କିଏ ଆପଣଙ୍କୁ କ'ଣ କହିଲା ? ଆପଣଙ୍କ ଚିନ୍ତାର କାରଣ କ'ଣ ? ବହୁ ସମୟ ପର୍ଯ୍ୟନ୍ତ ପଣ୍ଡିତ ଧର୍ଯ୍ୟ ଧରିବାକୁ ଚେଷ୍ଟା କଲେ କିନ୍ତୁ ଶେଷରେ ଆଧର୍ଯ୍ୟ ହୋଇ କହିବାକୁ ଲାଗିଲେ । ମା' ଝିଅ ଏହା ଶୁଣି ସେମାନେବି କାନ୍ଦିଲେ । ବହୁ କଷ୍ଟରେ ପଣ୍ଡିତ ନିଜ ଉପରେ କାବୁ କରି ଏବଂ ସଠିକ୍ କାରଣ ବର୍ଣ୍ଣନା କଲେ ।

ଏଠାକାର ସୁବେଦାର ମାଂସପିପାସୁ ଏବଂ ଆଡ଼ମ୍ବରପ୍ରିୟ ଏହା ତୁମକୁ ଜଣା । ଏବେ ଝିଅ ବୋହୂମାନଙ୍କର ଉଜ୍ଜତ ବିପଦରେ ଅଛି । ଯେଉଁ ପର୍ଯ୍ୟନ୍ତ ସେ କୌଣସି ଇଜ୍ଜତ ଲୁଣ୍ଠନ ନକରେ ତାକୁ ରାତିରେ ନିଦ ହୁଏନି । ଆଜି ପର୍ଯ୍ୟନ୍ତ ବାରଣାସୀରେ ଏଭଳି ରକ୍ତ ପିପାସୁ, ଅତ୍ୟାଚାରୀ, କାମୁକ ହାକିମ୍ ଆସି ନଥିଲା । ଆହା କେତେ ନିର୍ଯ୍ୟାତୀତ ଆତ୍ମା ତା'ର ଶିକାର ହୋଇଛନ୍ତି କିଏ କହିପାରିବ ?

ଏତିକି କହି ସେ ପୁଣି କାନ୍ଦିବା ଆରମ୍ଭ କଲେ । କାନ୍ଦନିକାନ୍ଦି ଚେତା ଉଡ଼ିଗଲା । ମା' ଝିଅ ହଇରାଣ ହେଲେ । ସେମାନେ ଜାଣି ପରି ନଥିଲେ ଅସଲ କଥାଟା କ'ଣ ? କିଏ ତାଙ୍କୁ ଏପରି ଅଧର୍ଯ୍ୟ କରିଦେଇଛି । ପୁଣି କିଛି ସମୟ ପରେ ସେ କହିବା ଆରମ୍ଭ କଲେ ଆଜକୁ କିଛି ଦିନ ପୂର୍ବେ ସୁବେଦାରର ଦୁଇ ସିପାହୀ ଆମ ଘରକୁ ଆସିଥିଲେ । ସେମାନେ କହିଲେ ଯେ ସୁବେଦାର ଆପଣଙ୍କୁ ଡ଼ାକିଛନ୍ତି । ଏ ଖବର ପାଇ ମୋ ଦେହ ଶିହରି ଉଠିଲା । ମୁଁ ତା'ର ମନକଥା ଜାଣେ । ଯାହା ହେଉ ତା'ର ହୁକୁମ ଚାଲିଛି । ବାଧହୋଇ ଯିବାକୁ ପଡ଼ିଲା । ଥରି ଥରି ଯେବେ ତା' ପାଖକୁ ପହଞ୍ଚିଲି ନିଜ ବଡ଼ବଡ଼ ନିଶ ଉପରେ ହାତ ମାରି କହିଲା, "ମୋତେ ଖବର ମିଳିଛି ଯେ ଶକୁନ୍ତଳା ନାମକ ତୁମର ଗୋଟିଏ ଝିଅ ଅଛି । ତାର ବିବାହ ବୟସ ହୋଇସାରିଛି । ମୁଁ ତୁମକୁ ହୁକୁମ୍ ଦେଉଛି ଯେ ତା'ର ସବାରୀ ସଜାଇ ମୋ ଦୁଆରେ ପହଞ୍ଚାଇ ଦିଅ" ।

ତାର କଥାଶୁଣି ମୁଁ କାନ୍ଦି ପକାଇଲି । ମୁଁ ଚିନ୍ତା କଲି ମୋ ବଂଶରେ ଏପରି କେବେ ହୋଇନାହିଁ । ମୋର ଯଦି ଇଜ୍ଜତ ଚାଲିଯାଏ ତା' ହେଲେ ଆଉ କ'ଣ ରହିବ ।

କାନ୍ଦିକାନ୍ଦି ମୋର ଅବସ୍ଥା ଖରାପ ହୋଇଗଲା । ମାତ୍ର ସେହି ଅତ୍ୟାଚାରୀ କୁ ତିଳେ ମାତ୍ର ଦୟା ଆସିଲାନି । ମୋତେ ସେହି ଅବସ୍ଥାରେ ଛାଡ଼ି ଉଠି ଚାଲିଗଲା ଏବଂ କହିଲା "ଗୋଟିଏ ସପ୍ତାହ ମାତ୍ର" ତୁମକୁ ସମୟ ଦିଆଗଲା । ଯଦି ସପ୍ତାହ ମଧ୍ୟରେ ତା'ର ସବାରୀ ମୋ ଦୁଆରେ ନ ଲାଗିଲା ତେବେ ମନେରଖ ମୁଁ ନିଜେ ସିପାହୀ ପଠାଇ ତାକୁ ଉଠାଇ ଆଣିବି । କାନଖୋଲି ଶୁଣ ବାରଣାସୀ ର ସବୁଠାରୁ ବଡ଼ ହାକିମ୍‌ର ହୁକୁମ୍ ଧନୁରୁ ବାହାରିଥିବା ତୀର ଫେରି ପାରେ ମାତ୍ର ମୋର ବଚନ ଅମାନ୍ୟ ହେବନାହିଁ ।

କଥାବର୍ତ୍ତାର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚିବା ବେଳକୁ ପଣ୍ଡିତଙ୍କର ଅବସ୍ଥା ସଂକଟାପନ୍ନ ହୋଇଗଲା । ଏଥର ତା'ର କନ୍ଦାକଟା ରେ ମା'ଝିଅ ମଧ୍ୟରେ ପୂର୍ଣ୍ଣ ଯୋଗ ଦେଲେ । ସ୍ତ୍ରୀ ଲୋକର ମନ ଏପରି ବି ନରମ ଥାଏ ଏବଂ ମାତା'ର ମମତା ଗଙ୍ଗାର ଲହରି ଭଳି ଦୁଃଖ କଷ୍ଟ ର ଏକ ଜୁଆର ବହିଗଲା । ମା'ର ମନ ଏପରି ଭୟଙ୍କର ଦୁଃଖରେ ସହନ ନକରି ଦୁଃଖରେ ଜର୍ଜରିତ ହୋଇ ଅଚେତ ହୋଇଗଲା । ଶକୁନ୍ତଳା ଏପରି ଅବସ୍ଥା ଦେଖି ପାଗଳ ପ୍ରାୟ ହୋଇଗଲା । ଚଞ୍ଚଳ ଉଠି ମା'ର ମୁହଁରେ ପାଣି ଛିଞ୍ଚିଲା ପରେ ମା ର ଚେତା ଫେରିଲା । ପଣ୍ଡିତ ଆଖିରୁ ଲୁହ ଝରୁଥାଏ । ସେ ବାଷ୍ପରୁଦ୍ଧ କଣ୍ଠରେ କହିଲେ 'ମାତ୍ର ଗୋଟିଏ ଦିନ ବାକି ରହିଲା । ଯେତେ କାନ୍ଦିବା କଥା କାନ୍ଦି ପକାଅ, କାଲି ତାର ସିପାହୀ ମାନେ ଆମ ଶକୁନ୍ତଳା କୁ ସଦା ସର୍ବଦା ପାଇଁ ଆମଠୁ ଛଡ଼ାଇ ନେବେ । ଆଃ ଆମ ଘରୁ କାଲି ଶକୁନ୍ତଳାର ଅର୍ଥୀ ଉଠିବ । ଆମର ସମସ୍ତ ସପ୍ନ ଧୂଳିସାତ ହୋଇଯିବ । ଆମେ କାଲି ସୂର୍ଯ୍ୟ ଉଇଁବା ପୂର୍ବରୁ ଗଙ୍ଗା ଲହରିରେ ସଲିଳ ସମାଧି ବରଣ କରିବା । ସେ ଏହା କହି ଉଠି ପଳାଉଥିବା ବେଳେ ଶକୁନ୍ତଳା ଗୋଡ଼ ତଳେ ପଡ଼ିଗଲା ।

"ବାପା ଆଶା ଭଂଗ କରନ୍ତୁ ନାହିଁ, ସମୟ ପୂର୍ବରୁ ମୋତେ ପିତୃହୀନ କରନ୍ତୁ ନାହିଁ । ଯଦି ପରମଦୟାଳୁଙ୍କର କୃପା ହୁଏ ତାହେଲେ ଏ ଗ୍ରହ କଟି ଯିବ । ମନେକର ଯଦି ସେହି ଖରାପ ମୂହୁର୍ତ୍ତ ଆସିଗଲା ତେବେ ଆମେ ସମସ୍ତେ ଏକାଥରକେ ଗଙ୍ଗାଜଳରେ ଶରଣ ପଶିବା । ଝିଅ ବାଧକରି ବାପାଙ୍କୁ ଅମୃହତ୍ୟା ଠାରୁ ନିବୃତ୍ତ କରାଇଲା । ତା ପରେ ବସି ବୁଝାଇଲା 'ବାପା ଆପଣ ମୋଟେ ନିରାସ ହୁଅନ୍ତୁ ନାହିଁ । ସତ୍ ଚିନ୍ତାର ଅସ୍ତ୍ର ତରବାରୀ ଠାରୁ ଗରିୟସୀ । ଆପଣ କାଲି ସକାଳେ ସୁବେଦାର ପାଖକୁ ଯାଆନ୍ତୁ ଏବଂ ତା'କୁ କୁହନ୍ତୁ ଶକୁଂତଳାର ସବାରୀ ସଜବାଜରେ ଆମକୁ ମାସେ ସମୟ

ଦରକାର। ଯାହା ହେଉ ଝିଅକୁ ପିନ୍ଧାଲୁଗାରେ କିପରି ବିଦାୟ ଦେବା, ବାପର ମଧ୍ୟ କିଛି ଆଶ ଆକାଂକ୍ଷା ଅଛି। ବେଶୀ ନୁହେଁ, କମ୍ ଉପରେ କିଛି ନା କିଛି ବ୍ୟବସ୍ଥା କରିବାକୁ ପଡ଼ିବ।

ବାପା ପଚାରିଲେ "ମନେକର ସେ ସମୟ ଦେଇଦେଲା, କିନ୍ତୁ ମାସେ ପରେ କ'ଣ ହେବ ? ଯେଉଁ କାମ ମାସେ ପରେ କରିବା ତାହା ଆଜି ମଧ୍ୟ କରାଯାଇପାରେ। ଝିଅ ତଳକୁ ଅନାଇ ଉତ୍ତର ଦେଲା ମାସେ ମଧ୍ୟରେ ଅବସ୍ଥା ପରିବର୍ତ୍ତନ ହୋଇଯିବ ।ସେହି ଡାଳ ହିଁ ନ ଥିବ ଯାହା ଉପରେ ବସା ବାନ୍ଧିବାର ଆବଶ୍ୟକତା ପଡ଼ିବ। ଭଲ ହେବ ଯଦି ଆପଣ ମୋତେ ଏ ବିଷୟରେ ସଂପୂର୍ଣ୍ଣ ବିବରଣୀ ଜିଜ୍ଞାସା ନକରନ୍ତି।

ଦ୍ୱିତୀୟ ଦିନ ସୁବେଦାର ଘରେ ସିପାହୀ ମାନେ ପ୍ରସ୍ତୁତ ହେଉଥିଲେ କି ଥରଥର ହୋଇ ପଣ୍ଡିତେ ମହଞ୍ଚିଗଲେ। ସୁବେଦାର ଦେଖିବା ମାତ୍ରେ ପଚାରିଲେ "ଶକୁନ୍ତଳା ସବାରୀ କାହିଁ ? ପଣ୍ଡିତ ଥରଥର ହୋଇ କହିଲେ 'ହଜୁର ସେ ଅପଣଙ୍କର ଚରଣରେ ଆସିବାକୁ ସତ୍ୟ ପ୍ରସ୍ତୁତ ଅଟେ। କିନ୍ତୁ ବାପା ମା' ହିସାବରେ ତାକୁ ପିନ୍ଧା ଲୁଗାରେ କିପରି ବିଦାୟ ଦେବା, ତାର ସବାରୀ ସଜାଇବା ପାଇଁ ଅମକୁ ଅନ୍ତତଃ କିଛି ନା କିଛି କରିବାକୁ ହିଁ ପଡ଼ିବ। ଏଥି ପାଇଁ ହଜୁର ଆମକୁ ମାସେ ସମୟ ଦାନ କରନ୍ତୁ। ଆମର କିଛି ଆଶ ଆକାଂକ୍ଷା ପୂରଣ ହେଉ।

ଏହି ଆଶାତୀତ ଉତ୍ତର ଶୁଣି ବୁଢ଼ା ସୁବେଦାରର ଖୁସି କହିଲେ ନସରେ। ସେ ଖୁସିରେ ଉତ୍ତର ଦେଲା ନିଶ୍ଚୟ ତୁମକୁ ମାସେ ସମୟ ଦିଆଯିବ କିନ୍ତୁ ତାପରେ କୌଣସି ସମୟ ଦିଆଯିବ ନାହିଁ। ଏଥିପାଇଁ ଯାହା କରିବାର କଥା ମାସେ ଭିତରେ କରିଦିଅ ଏବଂ ଦେଖ ଯଦି ଏହି ସମ୍ବନ୍ଧରେ ମୋର କୌଣସି ଦରକାର ହୁଏ, ମୁଁ ସଦା ସର୍ବଦା ପ୍ରସ୍ତୁତ। ପଣ୍ଡିତ ଏ ଉତ୍ତର ଶୁଣି ଖୁସି ମନରେ ଘରକୁ ଫେରିଲେ। ଝିଅକୁ ସବୁ କଥା ଜଣାଇ ଦେଲେ। ମାସେ ସମୟ କଥା ଶୁଣି ଶକୁନ୍ତଳା ଆଶାର କିରଣ ଫୁଟିଲା। ଏହି ଦୁଃଖରୁ ରକ୍ଷା ପାଇବା ପାଇଁ ପର୍ଯ୍ୟାପ୍ତ ସମୟ ପାଇଗଲା। ବାପାର ମନର ବୋଝ ହାଲୁକା ହୋଇଯାଇ ଥିଲା ଯେ ଆପାତତଃ ଏହି ଦୁର୍ଦ୍ଦଶା ଘୂଞ୍ଚି ଯାଇଥିଲା।

୨ୟ ଦିନ ଶକୁନ୍ତଳା ନିଜ ବାପାଙ୍କୁ କହିଲା ମୋଗଲ ରାଜକୁମାରଙ୍କ ଅବିକଳ ପୋଷାକ ୨ଯୋଡ଼ା ମୋ ପାଇଁ ତିଆରି କରିଦିଅନ୍ତୁ। ବାପା ଦିନେ ଦୁଇ ଦିନ ଭିତରେ ଏଭଳି ପୋଷାକ ତିଆରି କରାଇଦେଲେ। କିନ୍ତୁ ବାପା ହଇରାଣ ଥିଲେ ଯେ ପୁଅମାନଙ୍କ

ପୋଷାକ ନେଇ ଝିଅ କ'ଣ କରିବ ? ଝିଅ କିନ୍ତୁ ସଂପୂର୍ଣ୍ଣ ବିବରଣୀ ପଚାରିବା ପାଇଁ ମନା କରିଥିଲା । ସେଥିପାଇଁ ବାପା ଝିଅକୁ ଜିଜ୍ଞାସା କରିବା ପାଇଁ କୁଣ୍ଠାବୋଧ କଲେ ।

ସମସ୍ତ ସରଞ୍ଜାମ ଠିକ୍ ହେବାପରେ ୩ୟଦିନ ରାତ୍ରିରେ ସେ ମାକୁ କହିଲା ମାଁ ଆଜି ରାତ୍ରିର କୌଣସି ସମୟରେ ନିଜର ଗନ୍ତବ୍ୟ ପଥରେ ଯାଉଛି । ଠିକ୍ ମାସର ୨ ଦିନ ପୂର୍ବରୁ ଫେରି ଆସିବି । ଏହା ଭିତରେ ଆପଣ କୌଣସି ଚିନ୍ତା କରିବେ ନାହିଁ । ମୁଁ ଯେଉଁଠି ଥିବି ସଂପୂର୍ଣ୍ଣ ପିରାପଦରେ ଥିବି । ମୋର 'ହଜିବା' କାହାରିକୁ ଜଣା ନଯାଏ ମୋତେ ସର୍ମ୍ପୂର୍ଣ୍ଣ ବିଶ୍ୱାସ ଯେ ମୋର ଏହି ଯାତ୍ରା କେବେ ହେଲେ ବୃଥା ହେବନି । ଏହା କହି ସେ ନିଜର ବାପା ମାଙ୍କର ଚରଣ ସ୍ପର୍ଶ କଲା ଏବଂ ଶୋଇବା ପାଇଁ ଚାଲିଗଲା ।

ରାତ୍ରି ଶେଷ ପହରରେ ସେ ଘୋଡ଼ାଶାଳରୁ ଏକ ପ୍ରଶିକ୍ଷିତ ଘୋଡ଼ା ନେଲା ଏବଂ ତା' ଉପରେ ବସି ଗୋଟିଏ ଦିଗକୁ ଚାଲିଗଲା । ଆଜି ଶୁକ୍ରବାର ଦିନ । ସହରର ରାଜଧାନୀ ଦିଲ୍ଲୀ ଚତୁଃଦିଗରୁ ମୁଖରିତ ହୋଇ ଉଠୁଥିଲା । ଗଳିକନ୍ଦିରୁ ଉଲେମା ବିଶିଷ୍ଟ ଧର୍ମଗୁରୁ ମାନଙ୍କର ପାଲିଙ୍କିର ଶୋଭାଯାତ୍ରା ଜାମା ମସଜିଦ୍ ଆଡ଼କୁ ଅଗ୍ରସର ହେଉଥିଲା । ଶିକ୍ଷା, ଆଦର୍ଶ, ପବିତ୍ରତା ପୂଣ୍ୟ ର ଜ୍ୟୋତିର୍ମୟ ମୁଖମଣ୍ଡଳ ଗୁଡ଼ିକ ତାରକା ସଦୃଶ ଜାମା ମସଜିଦ ପ୍ରାଙ୍ଗଣରେ ଖେଳି ଯାଇଥିଲା । ଲାଲକିଲ୍ଲାର ତୋରଣରୁ ପ୍ରଥମେ ତୋପ ଫୁଟିବା ସହ ସୁନେଲୀ ପୋଷାକ ଧାରୀ ଦେହରକ୍ଷୀମାନେ ବାହାରିଲେ ସମ୍ରାଟଙ୍କର ଉଆସରୁ ଜାମା ମସଜିଦ୍ ପର୍ଯ୍ୟନ୍ତ ଦୁଇଧାଡ଼ିରେ ସେମାନେ ଠିଆ ହୋଇଗଲେ ।

ମହାଆଡ଼ମ୍ବର ସୁଲତାନୀ ଜାକ ଜମକରେ ଭାରତର ସମ୍ରାଟ ସୁଲତାନ ଆଉରାଙ୍ଗଜେବଙ୍କ ସବାରୀ ତାଙ୍କ ଉଆସରୁ ବାହାରି ସାରିଥିଲା । ଆଗରେ ତରବାରୀ ହାତରେ ଧରି ସୁନାର କଳସ ପିନ୍ଧି ଦେହରକ୍ଷୀ ମାନଙ୍କର ଦଳ ଯାଉଥିଲା । ସମ୍ରାଟଙ୍କର ସବାରୀ ଯେଉଁ ଦିଗ ଦଇ ଗଲା ଚତୁଃଦିଗରୁ ଜୟ ଜୟ ଗାନ କରାଗଲା । ଜାମା ମସଜିଦ୍‌ର ପ୍ରଥମ ସୋପାନରେ ପାଦ ରଖି ସୁଲତାନ ନତ ମସ୍ତକ ହେଲେ । ଏହା ଆଲ୍ଲାଙ୍କର ଦରବାରରେ ପ୍ରଥମ ଅର୍ଘ୍ୟ ଥିଲା ଯାହା ସୁଲତାନ ପେଶ କଲେ ।

ଖୁତବାର ଆଜାନ ହେଲା ଏବଂ ଇମାମ୍ ଚମ୍ବର ଉପରେ ଚଢ଼ି ଖୁତବା ଆରମ୍ଭ କଲେ । ବହୁ ଧାର୍ମିକ ବ୍ୟକ୍ତିମାନଙ୍କ ଗହଣରେ ଜୁମା ନମାଜ ପାଠ କରାଗଲା । ସୁନ୍ନତ ନମାଜ ପରେ ଲୋକେ ସମଜିଦ୍ ରୁ ବାହାରିଲେ । କିଛି ସମୟପରେ ସ୍ୱର ଶୁଣାଗଲା ଯେ ସୁଲତାନ ନମାଜ ଶେଷକରି ବାହାରକୁ ଆସୁଛନ୍ତି ଜାମା ମସଜିଦ୍ ର ସୋପାନ

ଉପରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆବେଦନ ଦରଖାସ୍ତକାରୀମାନେ ନିଜନିଜର ଦରଖାସ୍ତ ନେଇ ଛିଡ଼ା ହୋଇଛନ୍ତି । ସୁଲତାନ ଯେତେବେଳେ ଦୁଆର ମୁହଁରୁ ବାହାରିଲେ ସୁଲତାନଙ୍କର ମୋହରି ରମାନେ କଲମ ଦୁଆତ ନେଇ ବାମ ପହାଚରେ ଠିଆ ହେଲେ । ଜଣେ ଆବେଦନ ଦରଖାସ୍ତ କାରୀ ଆଗକୁ ବଢ଼ି ସୁଲତାନଙ୍କ ସମ୍ମୁଖରେ ନିଜର ଦରଖାସ୍ତ ପେଶ୍ କଲା । ଆଉ ପରେ ହୁକୁମ୍ କରାଗଲା ମୋହରିର ତାକୁ ଲେଖି ରଖିଲା । ପୁଣି ଜଣେ ଆଗକୁ ବଢ଼ିଲା । ଅର୍ଜି ପେଶ କଲା ହୁକୁମ୍ ହେଲା । ମୋହରିର ଲେଖି ରଖିଲା । ଏହି ଭଳି ମସଜିଦ୍‌ର ଶେଷ ସୋପାନ ପର୍ଯ୍ୟନ୍ତ ଚାଲିଲା । ସବା ଶେଷରେ ଜଣେ ଖୁବ୍ ସୁନ୍ଦର ରାଜକୁମାର ପଗଡ଼ି ପିନ୍ଧି ଛିଡ଼ା ହୋଇଥିଲା । ଯେପରି ସୁଲତାନ ତା'ପାଖକୁ ଗଲେ ସେ ନିଜର ଅର୍ଜି ନେଇ ଆଗକୁ ବଢ଼ିଲା । ସୁଲତାନ ତା ଉପରେ ନଜର ପକାଇ ଲଜ୍ୟାରେ ମୁହଁ ତଳକୁ କରିନେଲେ ଏବଂ ସମସ୍ତ କଥା ଜାଣିଗଲେ, ଦେହରକ୍ଷୀ ମାନଙ୍କୁ ହୁକୁମ୍ ଦେଲେ "ଏହି ଯୁବକକୁ ଦିୱାନ-ଇ-ଖାସ୍‌ରେ ମୋ ସମ୍ମୁଖରେ ପେଶ୍ କରାଯାଉ" ।

ସମ୍ରାଟଙ୍କର ସବାରୀ ଆଗକୁ ବଢ଼ିଲା ଏବଂ ଦେହରକ୍ଷୀ ମାନଙ୍କ ଗହଣରେ ସେହି ଯୁବକ ମଧ୍ୟ ଆଗକୁ ଚାଲିଲା । ଗାଜି ମୋହିଉଦ୍ଦିନ ଆଉରାଙ୍ଗଜେବ୍ ଯେତେବେଳେ ଦିୱାନେ ଖାସରେପହଞ୍ଚିଲେ ସେହି ଯୁବକ କୁ ତାଙ୍କ ସମ୍ମୁଖରେ ପେଶ୍ କରାଗଲା । ସୁଲତାନ ତଳକୁ ମୁହଁ କରି ହୁକୁମ ଦେଲେ "ଦରବାର ବର୍ତ୍ତମାନ ଖାଲି କରାଯାଉ" ଯେତେବେଳେ ସମସ୍ତ ଦରବାରୀ ହଟିଗଲେ, ସୁଲତାନ ନିଜର ଚାଦର ସେହି ଯୁବକକୁ ଦେଇ କହିଲେ "ବେଟୀ ନିଅ ପଗଡ଼ି ବାହାରକରି ଏହି ଚଦର ଘୋଡ଼ି ପକାଅ" ଜଣେ ସ୍ତ୍ରୀ ଲୋକକୁ ଅନ୍ୟ ପୁରୁଷ ସାମନାରେ ବେପର୍ଦ୍ଦା ହେବା ଉଚିତ୍ ନୁହେଁ । ଏହା ଶୁଣି ଶକୁନ୍ତଳା ଅବାକ୍ ହୋଇଗଲା । ସୁଲତାନ କହିଲେ ନିଜର ପରିଚୟ ଲୁଚାଇବା ଚେଷ୍ଟା କରନି, ମୁଁ ତୁମର ଫେରାଦ ଶୁଣିବା ପାଇଁ ଏଠି ବସିଛି ।

କଥା ଅସହ୍ୟ ହୋଇ ପଡ଼ିଲା । ଶକୁନ୍ତଳା କଁ କଁ ହୋଇ କାନ୍ଧିବାକୁ ଲାଗିଲା ମସ୍ତକ ଓ ଚେହେରାକୁ ଚାଦର ଘୋଡ଼ାଇ ବହୁ କଷ୍ଟରେ ସେ କେବଳ ଏତିକି କହିପାରିଲା "ଦୟାଳୁ ମହାରାଜା ! ମୋ ଖୁସିର ସିମା ରହିଲା ନାହିଁ ଯେତେବେଳେ ଜାହାଁପନା ମୋତେ ବେଟି କହି ଡାକିଛନ୍ତି । କିନ୍ତୁ ଆପଣଙ୍କୁ ଜଣା ନାହିଁ ଯେ ମୁଁ ଜଣେ ବ୍ରାହ୍ମଣ ଘର ଝିଅ ଟି ବୋଲି । ସୁଲତାନ ଉତ୍ତର ଦେଲେ

"ତେବେ ତୁମର ସୁରକ୍ଷା ମୋ ପାଇଁ ଆହୁରି ଜରୁରୀ" ଏକଥା ମନେ ରଖ ଯେ "ଇସଲାମ ଧର୍ମ ନିଜର ଅନୁଗାମୀ ହାକିମମାନଙ୍କୁ କିପରି ଖୋଲା ମନ ଦେଇଛି । ଯେଉଁ ଜାତିର ସେ ଜିମା ନିଅନ୍ତି ତାଙ୍କ ସହ ତାଙ୍କର ବ୍ୟବହାର କେତେ ପବିତ୍ର ଥାଇ ପାରେ ତାହା କଳନା କରିବା କଷ୍ଟକର । ଏଥିପାଇଁ ଏହା ଜାଣିବା ପରେ ଯେ ତୁମେ ଜଣେ ବ୍ରାହ୍ମଣ-ଝିଅ ତଥାପି ମୋର ଅତୁଟ ସ୍ନେହ ତୁମ ପ୍ରତି ତୁମକୁ ବେଟି କହି ସମ୍ବୋଧନ କରିବାକୁ ବାଧ କରୁଛି" ।

ଶକୁନ୍ତଳା ଏହା ଶୁଣି ହତବାକ୍ ହୋଇଗଲା ଚକିତ ଓ ଆଚମ୍ବିତ ହୋଇଗଲା, ସୁଲତାନଙ୍କ ଇଂଗିତ ପାଇ ସେ ଦୁଃଖ ଜର୍ଜରିତ ଘଟଣା ଶୁଣାଇବା ଆରମ୍ଭ କଲା ଶୁଣିବା ସମୟରେ ସୁଲତାନଂକର ଚେହେରା ଦେଖିବାର ଥିଲା । କେବେ କାନ୍ଦୁଥିଲେ ତ କେବେ ରାଗରେ ତାଂକର ଚେହେରା ଲାଲ ଦିଶୁଥିଲା ଏହିଭଳି ଅବସ୍ଥାରେ ଘଟଣାର ଶୁଣାଣୀ ସମାପ୍ତ ହେଲା ।

ଯେବେ ସେ ନିଜର ବର୍ଣ୍ଣନା ଶେଷ କଲା ସୁଲତାନ ହୁକୁମକଲେ ମାସେ ସମୟରୁ ଆଉ କେତେ ଦିନ ବାକି ରହିଛି । ତୁମେ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କର ଏବଂ ପିତା ମାତାଙ୍କୁ କୁହ ଯେ ତୁମର ସବାରୀର ବ୍ୟବସ୍ଥା କରିବେ ।ଏହା ଶୁଣି ଶକୁନ୍ତଳାର ସବୁ ଆଶା ଆକାଂକ୍ଷା ଧୂଳିସାତ ହୋଇଗଲା । ସେ କାନ୍ଦି କାନ୍ଦି ଫେରି ଆସିଲା । ନିଜ ଘୋଡ଼ା ଉପରେ ସବାର ହୋଇ ସେ ବାରଣାସୀ ଫେରିଲା । ସାରା ରାସ୍ତା ନିଜର ବିଫଳତା ଚୋଟ ମାରିଲା ପରି ଲାଗିଲା ବାରମ୍ବାର ସେ ଭାବୁଥିଲା ଯେ ସମ୍ରାଟ ତା' ସହିତ ନ୍ୟାୟ କଲେ ନାହିଁ । ପୁଣି ମନେ ପକାଉଥିଲା ସମ୍ରାଟ ବେଟି କହି ସମ୍ବୋଧନ କରିବା ଟିକିଏ କଥା ନୁହେଁ । ସେ ନିଶ୍ଚୟ ତାଙ୍କର କର୍ତ୍ତବ୍ୟ ପୁରଣ କରିବେ ।

ବାପା ମା' ଅଧର୍ଯ୍ୟ ହୋଇ ତା'ର ଅପେକ୍ଷା କରୁଥିଲେ । ଯେତେବଳେ ତା'ର ଘୋଡ଼ା ଟାପୁର ଶବ୍ଦ ଶୁଣିଲେ ମା' ଖୁସିରେ କହି ଉଠିଲେ " ଶକୁନ୍ତଳା ଆସିଗଲା" ଝିଅ କୁ ସୁରକ୍ଷିତ ଦେଖି ବାପା ମା'ଙ୍କର ଖୁସି କହିଲେ ନ ସରେ । ସେମାନଙ୍କର ବିଶ୍ୱାସ ଥିଲା ଯେ ଶକୁନ୍ତଳା ଦିନେ ନିଶ୍ଚୟ ଫେରି ଆସିବ । ମା' ତାର ମୁଣ୍ଡ ରେ ହାତ ଫେରାଇ ପଚାରିଲା । ଝିଅ ! ତୁ ଏତେ ଦିନ ପର୍ଯ୍ୟନ୍ତ କୁଆଡ଼େ ଥିଲୁ ? ତୁ କି କାର୍ଯ୍ୟ ସାଧନ କରି ଫେରିଲୁ ? ଧାର୍ଯ୍ୟ ଦିନ ଠାରୁ କେବଳ ୨ ଦିନ ବାକି ଅଛି । ଜଣା ନାହିଁ ଆମର ପରିସ୍ଥିତି କ'ଣ ହେବ ?

ମା'ର ଶବ୍ଦରେ ଏତେ ନିରାଶା ଥିଲା ଯେ ଶକୁନ୍ତଳା ଅଧର୍ଯ୍ୟ ହୋଇ କାନ୍ଦି କାନ୍ଦି ମା' ଛାତିରେ ମୁଣ୍ଡ ରଖିଦେଲା । କିଛି ସମୟ ପରେ କହିଲା ମୁଁ ଦିଲ୍ଲୀ ଯାଇଥିଲି ସମ୍ରାଟ ଆଉରଙ୍ଗଜେବ ନିକଟରେ ଫେରାଦ ହେଲି, କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ସେଠାରେ ମୋର ଫେରାଦ କରିବା ବିଫଳ ହେଲା । ସମ୍ରାଟ ହୁକୁମ ଦେଇ କହିଛନ୍ତି ଯେ ସବାରୀ ସଜାଇ ସୁବେଦାର ଦୁଆର ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯାଉ । ମୁଁ ତାଙ୍କର ହୁକୁମ ପାଳନ କରିବି ଏଥିରେ ମୋର ଜୀବନ ପଛକେ ଯାଉ । କାରଣ ସମ୍ରାଟ ମୋତେ "ବେଟି" କହି ସମ୍ବୋଧନ କରିଛନ୍ତି । ଜଣେ ବ୍ରାହ୍ମଣ ଝିଅ ନିଜ ବାପାଙ୍କର ଆଦେଶ ଅମାନ୍ୟ କରି ପାରିବ ନାହିଁ, ଶକୁନ୍ତଳାର ଏକଥା ଶୁଣି ସାରା ଘରେ କନ୍ଦାକଟା ଲାଗିଗଲା । ବାପା ମା' ତାକୁ ବହୁତ ବୁଝାଇଇଲେ । କିନ୍ତୁ ସେ ନିଜ ଜିଦ୍ ରେ ଅଟଳ ରହିଲା ।

ତୃତୀୟ ଦିନ ସୀପାହୀମାନଙ୍କର ସୁରକ୍ଷାରେ ତା'ର ସବାରୀ ପ୍ରସ୍ତୁତ ହେଲା, ମା' ଅଚେତ ହୋଇଗଲା । ସାରା ସାହିରେ ସୁବେଦାରର ଅତ୍ୟାଚାରର ଏକ ଭୟଙ୍କର ଆତଂକ ଖେଳିଗଲା । ବୁଢ଼ା ସୁବେଦାରର ଆନନ୍ଦର ଆଜି ସୀମା ନଥିଲା । ଏକ ଅପୂର୍ବ ସୁନ୍ଦରୀ ଝିଅ ତା' ଘରକୁ କନ୍ୟା ସାଜି ଆସୁଛି । ଧଳା ବାଳକୁ କଳା କରି ଆଖିରେ କଜ୍ଜଳ ଲଗାଇ ଆପାଦ ମସ୍ତକ "ଛେଲା" ସାଜିଥିଲା । ଯେପରି ବୃଦ୍ଧାବସ୍ଥାରେ ଯୌବନ ଫେରି ଆସିଛି ।

ଶକୁନ୍ତଳା ସବାରୀ ଚାରିପାଖେ ସହରର ଭୀକାରୀମାନଙ୍କର ଭିଡ଼ ଜମିଥିଲା ସେମାନଙ୍କୁ ପଇସା ଦାନ କରା ଯାଉଥିଲା । ସାରା ରାସ୍ତାରେ ଦର୍ଶକ ମାନଙ୍କର ଭିଡ଼ ଥିଲା କିନ୍ତୁ ସୁବେଦାର ଭୟରେ କେହି ପାଟି ଫିଟାଉ ନ ଥିଲେ । ଏବେ ଶକୁନ୍ତଳାର ସବାରୀ ସୁବେଦାର ଘର ଅଭିମୁଖେ ଅଗ୍ରସର ହେଲା ।

ଜଣେ ସିପାହୀ ସୁବେଦାରକୁ ଖବର ଦେଲା । "ହଜୁର ! ସବାରୀ ସନ୍ନିକଟ ବର୍ତ୍ତୀ ସୁବେଦାର କହିଲା "ମୁଁ ମୁକ୍ତ ହସ୍ତରେ ଦାନ ନ କରିବା ପର୍ଯ୍ୟନ୍ତ ସବାରୀ ଆସି ପାରିବ ନାହିଁ ।"

ଏବେ ସବାରୀ ତା'ର ଦୁଆର ନିକଟରେ । ସୁବେଦାର ମହାଡମ୍ବରରେ ସାଜ ସଜ୍ୟା ହୋଇ ଘରୁ ବାହାରିଲା । ଏବଂ ଦୁଇ ହସ୍ତରୁ ଖୁବ୍ ଦାନ କଲା । ବାରଣାସୀର ଭିକାରୀମାନଙ୍କ ମଧ୍ୟରେ ଲୁଟ୍ ମଚି ଗଲା । ସମସ୍ତେ ସୁବେଦାରର ଜୟ ଜୟ ଗାନ କଲେ । ସୁବେଦାରର ହାକିମି ଗର୍ବ ଜାଗ୍ରତ ହେଲା । ଯେତେବେଳେ ସବାରୀ ନିକଟକୁ

ଆସିବାର ଚେଷ୍ଟା କଲା ଠିକ୍ ସେତିକି ବେଳେ ଜଣେ ବୃଦ୍ଧ ଭିକ୍ଷୁ ତା' ସମ୍ମୁଖରେ ହାତ ଯୋଡ଼ି କହିଲା " ହଜୁରଙ୍କର ଜୟ ହେଉ, ମୋତେ ବି କିଛି ମିଳୁ" ସୁବେଦାର ରାଗରେ କହିଲା ଭୂଇଁରେ ଏତେ ପଇସା ପଡ଼ିଛି ଦେଖାଯାଉ ନାହିଁ ଉଠାଇ ନେ ସେଥିରୁ ତୋର ମନଷ୍କାମନା ପୂରଣ ହୋଇଯିବ।

କିନ୍ତୁ ବୃଦ୍ଧ ଭିକ୍ଷୁ ହାତ ପସାରୀ ଖୋସାମଦ୍ କରି କହିଲା " ନା ହୁଜୁର ମୁଁ ଭୂମିରେ ପଡ଼ିଥିବା ପଇସା ନେବି ନାହିଁ। ମୁଁ ତ ଆଶା କରି ଆସିଛି ଯେ ହୁଜୁରଙ୍କର କରକମଳରୁ କିଛି ଭିକ୍ଷା ଗ୍ରହଣ କରିବି।

ବୃଦ୍ଧଙ୍କର ବାରମ୍ବାର ଜିଦ ଆଗରେ ବାଧ ହୋଇ ସୁବେଦାର କହିଲା " ଆଚ୍ଛା ନେ ଯଦି ତୁ ନ ମାନୁଛ ମୋ ହାତରୁ ହିଁ ନେ" । ଏହା କହି ଯେବେ ସେ ପଇସା ଦେବା ପାଇଁ ହାତବଢ଼ାଇଲା ବୃଦ୍ଧ ଭିକ୍ଷୁ ତା' ହାତକୁ ଧରି ଝିଂକି ଘୋଡ଼ାରୁ ତଳକୁ ପକାଇ ଦେଲା ଏବଂ ବୃଦ୍ଧ ଫକୀର ନିଜର ଭିକାରୀ ବେଶ ଉତାରୀ ଫିଙ୍ଗି ଦେଲା।

ଏବେ ସୁବେଦାର ଦେଖିବାକୁ ପାଇଲା ଯେ ତା' ସମ୍ମୁଖରେ ସମ୍ରାଟ ଆଉରଙ୍ଗଜେବ ଦଣ୍ଡାୟମାନ। ଭୟରେ ସୁବେଦାର ଥରିବାକୁ ଲାଗିଲା। ଆତଙ୍କରେ ତା'ର ରକ୍ତ ଶୁଖିଗଲା। ଚେହେରା ମ୍ଳାନ ପଡ଼ିଗଲା। ମୂର୍ତ୍ତିମନ୍ତ ହୋଇ ଠିଆ ହୋଇ ଥାଏ, ସମ୍ରାଟ କହିଲେ " କାହିଁକି ହେ ପାପି, ଇସଲାମ ଧର୍ମର ଶତ୍ରୁ, ଏହିସବୁ କୁକାର୍ଯ୍ୟ ପାଇଁ ତୋତେ ବାରଣାସୀର ହାକିମ କରି ପଠା ଯାଇଥିଲା ? ଦିବାଲୋକରେ ମୋର ପ୍ରିୟ ପ୍ରଜାମାନଙ୍କ ନିରୀହ ଝିଅ, ବୋହୂଙ୍କ ଉପରେ ନଜର ପକାଇବାରେ ତତେ ଟିକିଏ ଲଜ୍ଜା ଲାଗିଲା ନାହିଁ। ତୁ ଏହା ମଧ୍ୟ ଚିନ୍ତା କଲୁ ନାହିଁ ଯେ ସତ୍ୟର ଦ୍ୱାହିରେ ଆଉରଙ୍ଗଜେବ ଆପଣା ଓ ପରରେ କେବେ ଫରକ୍ କରେ ନାହିଁ ? ତତେ ଜଣା ନାହିଁ ଯେ ସାରା ଭାରତ ଇସଲାମ ଧର୍ମର ଜିମ୍ମାରେ ଅଛି। ଏଠାକାର ଲୋକମାନଙ୍କର ସମ୍ମାନ, ଧନ, ଜନର ସୁରକ୍ଷା ପ୍ରତ୍ୟେକ ମୁସଲମାନର ପବିତ୍ର କର୍ତ୍ତବ୍ୟ ? ରାଗରେ ସମ୍ରାଟଙ୍କ ଚେହେରା ଲାଲ ପଡ଼ି ଯାଇ ଆଖିରୁ ନିଆ ବାହାରୁ ଥିଲା ଏବଂ ସୁବେଦାରର ରକ୍ତ ଶୁଖିଯାଇ ଥିଲା।

ଏହା ଭିତରେ ଦିଲ୍ଲୀରୁ ଆସିଥିବା ଦଳ ପହଞ୍ଚି ଗଲା । କଟୁଆଳ ଆଡ଼କୁ ନିର୍ଦ୍ଦେଶ କରି ସମ୍ରାଟ ସେନାପତି କୁ ହୁକୁମ ଦେଲେ। ଏହି ପାପି କୁ ଶୀଘ୍ର ଶାସ୍ତି ଦିଆ ଯାଉ। ଶାସ୍ତି ଏମିତି ହେବା ଉଚିତ ଯାହା ଅନ୍ୟ ମାନଙ୍କ ପାଇଁ ଶିକ୍ଷା ହେଉ। କଟୁଆଳର ଦୁଇ ଗୋଡ଼କୁ ଅଲଗା ଅଲଗା ଦୁଇ ହାତିଙ୍କ ଗୋଡ଼ରେ ବାନ୍ଧି ଦିଅ ଏବଂ ହାତୀ ଦ୍ୱୟକୁ ଭିନ୍ନ

ଦିଗରେ ଦୌଡ଼ାଯାଉ, ଯେପରି ଜମି ଉପରେ ତା'ର ଅଂଗ ପ୍ରତ୍ୟଙ୍ଗ ଗୁଡ଼ିକ ଖଣ୍ଡ ଖଣ୍ଡ ହୋଇ ଖେଳି ଯାଉ। ସମ୍ରାଟଙ୍କ ଆଜ୍ଞା ପାଳନ ପାଇଁ ସିପାହୀ ଦଳ ଆଗେଇ ଆସିଲେ ଏବଂ ମୂହୂର୍ତ୍ତକ ମଧରେ ସୁବେଦାରର ଅସ୍ତିତ୍ୱ କୁ ଶେଷ କରିଦେଲେ। ସାରା ବାରଣାସୀ ସହର ସମ୍ରାଟ ଆଉରଙ୍ଗଜେବଙ୍କ ନ୍ୟାୟର ଜୟ ଜୟ ଗାନ କଲା। ସମ୍ରାଟଙ୍କର ବିନା ଦ୍ୱିଧାରେ ନ୍ୟାୟକରିବା ଦେଖି ସମସ୍ତେ ତାଟକା ହୋଇଗଲେ।

ଶକୁନ୍ତଳାର ସବାରୀ ସୁରକ୍ଷାର ସହ ଘରକୁ ଫେରିଲା । ସମ୍ରାଟ ଆଉରାଙ୍ଗଜେବଙ୍କର ନ୍ୟାୟ ଫଇସଲାର ଖବର ବିଜୁଳି ଭଳି ସାରା ସହରରେ ଖେଳିଗଲା। ଘଟଣାର ଖବର ପାଇ ଶକୁନ୍ତଳାର ବାପା ମା' ଖୁସିରେ ପାଗଳ ହୋଇଗଲେ। ଶକୁନ୍ତଳା ଯେବେ ନିଜ ଘରେ ପହଞ୍ଚିଲା ସମ୍ରାଟ ମଧ୍ୟ ନିଜ ବେଟି ଘରେ ପଦାର୍ପଣ କଲେ ଏବଂ କହିଲେ "ତୃଷାରୁ ଜୀବନ ଯାଉଛି, ସର୍ବ ପ୍ରଥମେ ମୋତେ ପାଣି ଦିଆଯାଉ। ମୁଁ ସେହି ଦିନ ଠାରୁ ପାଣି ପିଉନାହିଁ ଯେଉଁଦିନ ଶକୁନ୍ତଳା ମୋ ସମ୍ମୁଖରେ ନିଜର ଫେରାଦ୍ ପେସ୍ କରିଥିଲା। ସେହିଦିନ ଠାରୁ ମୁଁ ନିଜ ଖୁଦାଙ୍କ ସହ ପ୍ରତିଜ୍ଞା କରିଥିଲି ଯେ ଯେତେ ପର୍ଯ୍ୟନ୍ତ ଜଣେ ନିର୍ଯ୍ୟାତିତା ବ୍ରାହ୍ମଣ ଝିଅକୁ ନ୍ୟାୟ ନଦେବି ସେ ପର୍ଯ୍ୟନ୍ତ ପାଣି ଟୋପାଏ ଛୁଇଁବି ନାହିଁ।"

ଶକୁନ୍ତଳା ଓଢ଼ଣୀ ରେ ଚେହେରାକୁ ଲୁଚାଇ କହିଲା ଭାରତର ସ୍ୱାମୀ ମୋତେ ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ଆପଣ ଯାହାକୁ ନିଜ ବେଟି କହି ସମ୍ବୋଧନ କରିଛନ୍ତି ତା'ର ସମ୍ମାନ ରକ୍ଷା କରିବା ପାଇଁ ଆପଣ ନିଶ୍ଚୟ ଆସିବେ। ନିଜପ୍ରିୟ ପ୍ରଜାମାନଙ୍କ ସହ ଏପରି ଅନ୍ୟାୟ ଆପଣ କେବେ ସହ୍ୟ କରିପାରିବେ ନାହିଁ। ଏଥିପାଇଁ ମୁଁ ନିଜ ଜମି ଉପରେ ଏକ ମଣ୍ଡପ ପୂର୍ବରୁ ତିଆରି କରିଛି ଯେ ଆମ ସମ୍ରାଟଙ୍କୁ ନମାଜ ପାଢ଼ିବା ପାଇଁ ଜାଗା ଖୋଜିବାକୁ ନପଡୁ। ସେହି ମଣ୍ଡପ ଉପରେ ପାଣି ଏବଂ ଜଳଖିଆର ବ୍ୟବସ୍ଥା ଅଛି।

ସମ୍ରାଟ ଓଜୁ କଲେ ଏବଂ ନମାଜ ପାଠ କଲେ କିଛି ଜଳପାନ କରି ଫେରିବାକୁ ଚାହୁଁଥିଲେ ଯେ ପଣ୍ଡିତ ଲାଲାରାମ ହାତଯୋଡ଼ି ଠିଆହୋଇ କହିଲେ "ହଜୁର ! ଯେଉଁ ଜମି ଖଣ୍ଡକୁ ଆପଣ ନମାଜ ପଢ଼ି ପବିତ୍ର କରିଛନ୍ତି ଆମେ ସେହି ଜମିକୁ ଅନ୍ୟ କାମରେ ଲଗାଇବୁ ନାହିଁ। ଏଥିପାଇଁ ମୁଁ ଖୋଲା ହୃଦୟରେଏଜମି ମସଜିଦ୍ ପାଇଁ ଦାନ କରୁଛି। ସମ୍ରାଟ ଏହି ଦାନ କୁ ସମ୍ମାନର ସହ ଗ୍ରହଣ କଲେ ଏବଂ ଏକ ତାମ୍ରପତ୍ରରେ ଏହା

ଉଲ୍ଲେଖ କଲେ ଯେ ଏହି ମସଜିଦ୍ ର ସୁରକ୍ଷା ଦାୟିତ୍ୱ ସଦାବେଳେ ଏହି ବଂଶର ଲୋକେ ରହିବେ।" ସେହି ମସଜିଦ୍ ବାରଣାସୀ ନଗରରେ ଆଜି ଗଙ୍ଗା ଜୁଳରେ ବିଦ୍ୟମାନ । "ଧରେରା - ମସଜିଦ୍ ନାମରେ ଏହା ନାମିତ।

ଜଣେ ବିଶିଷ୍ଟ ଜ୍ଞାନି ମୌଲାନା ସେୟଦ୍ ଆଲେ ମୁସ୍ତଫା କାତ୍ରୀ ଆଉରାଙ୍ଗଜେବଙ୍କ ଲିଖିତ ସେହି ଐତିହାସିକ ଦସ୍ତାବିଜ୍ ସ ଚକ୍ଷୁରେ ଦେଖିଛନ୍ତି। ଆଜି ସୁଦ୍ଧା ସେହି ବଂଶର ହିନ୍ଦୁ ବ୍ୟକ୍ତିମାନେ ସେହି ମସଜିଦ୍ର ରକ୍ଷଣକାରୀ ଅଛନ୍ତି। ଏହି ଘଟଣା ୧୬୮୭ ମସିହାର ଅଟେ।